# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା -୧୦୨ (ଓଡିଆ ବୁଲେଟିନ) ସପ୍ତାହ - ୫୧ ତାରିଖ: ୨୨.୧୨.୨୦୨୩

## ସମ୍ବଲପୁର

ଭାରତ ପାଣିପାଗ ବିଜ୍ଞାନ ବିଭାଗ,ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ରହିଅଛି ଏବଂ ଏହି ସମୟ ଅବଧି ମଧ୍ୟରେ ଆକାଶ ମୁଖ୍ୟତଃ କିମ୍ବା ଆଂଶିକ ସଫା ରହିପାରେ । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨୬ ରୁ ୨୮ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୨ ରୁ ୧୩ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୬୫% ରୁ ୭୨% ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୨୭% ରୁ ୩୫% ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୫ ରୁ ୬ କି.ମି. ପ୍ରତି ଘଣ୍ଟା ବେଗରେ ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 23-12-2023 | 24-12-2023 | 25-12-2023 | 26-12-2023 | 27-12-2023 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 26 | 27 | 28 | 28 | 28 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 12 | 13 | 13 | 13 | 13 |
| ସମ୍ପୂର୍ଣ ମେଘ ଆବରଣ(ଓକଟା) | 2 | 2 | 1 | 0 | 0 |
| ସର୍ବାଧିକ ଆପେକ୍ଷିକ ଆଦ୍ରତା (ଶତକଡା %) | 65 | 72 | 69 | 67 | 65 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 27 | 35 | 31 | 31 | 30 |
| ପବନ ବେଗ (କିମି/ଘଣ୍ଟା ପ୍ରତି) | 5 | 5 | 5 | 5 | 6 |
| ପବନ ଦିଗ (ଡିଗ୍ରୀ) | 90 | 71 | 68 | 90 | 79 |

ଅଧିକ ଜାଣିବା ପାଇଁ , ଭାରତୀୟ ପାଣିପାଗ ବିଭାଗ , ଭୁବନେଶ୍ୱର, ଟେଲିଫୋନ # ୦୬୭୪-୨୫୯୬୧୧୬ ରେ ଯୋଗାଯୋଗ କରନ୍ତୁ

### ସାଧାରଣ ଉପଦେଶ

- ଆଗକୁ ସର୍ବନିମ୍ନ ତାପମାତ୍ରାରେ ୨ ରୁ ୩ ଡିଗ୍ରୀ ସେଲସିଅସ ବୃଦ୍ଧି ଦେଖିବାକୁ ମିଳିପାରେ ଏବଂ ଏହା ସହିତ କୁହୁଡି ଏବଂ ଥଣ୍ଡା ପାଗ ବଜାୟ ରହିବାର ମଧ୍ୟ ସମ୍ଭାବନା ରହିଅଛି ଯାହାକି ଆଗକୁ ସବୁ ପ୍ରକାରର ଫସଲରେ ଯଉ ପୋକ ଇତ୍ୟାଦୀର ସଂକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଚାଷୀ ଭାଇମାନଙ୍କୁ ନିଜ ଫସଲ ତଥା ପଶୁମାନଙ୍କୁ ଅଧିକ ଥଣ୍ଡାର ପ୍ରକୋପରୁ ରକ୍ଷା କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବା ତଥା ପୋକର ନିୟନ୍ତ୍ରଣ ପାଇଁ ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି । ଆସନ୍ତା ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ତେଣୁ ଆଗକୁ ପାଗ ଶୁଷ୍କ ରହିବାର ସ୍ଥିତିକୁ ଧ୍ୟାନରେ ରଖି ଚାଷୀ ଭାଇମାନଙ୍କୁ ଜଳସେଚନ ତଥା ରୋଗ ପୋକ ନିୟନ୍ତ୍ରଣ ପାଇଁ ଔଷଧର ପ୍ରୟୋଗ କାର୍ଯ୍ୟ ଏହି ସମୟ ମଧ୍ୟରେ କରିବାକୁ ପରାମର୍ଶ ଦିଆଯାଇଅଛି ।
- କୃଷକ ଭାଇମାନେ ପାଣିପାଗ ପୂର୍ବାନୁମାନ ଏବଂ ପାଣିପାଗ ଭିତ୍ତିକ କୃଷି ପରାମର୍ଶ ପାଇଁ ମେଘଦୂତ ମୋବାଇଲ ଆପ ଓ ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ।

### ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଖରିଫ ଧାନ | ଧାନ କାଟିବା ଏବଂ ରକ୍ଷଣାବେକ୍ଷଣ | ଏହି ସପ୍ତାହରେ ବର୍ଷା ହେବାର ସମ୍ଭାବନା କମ ଅଛି ତେଣୁ ଚାଷୀ ଭାଇମାନଙ୍କୁ ଧାନ କାଟିବା କାର୍ଯ୍ୟ ଯଥାଶୀଘ୍ର ସମାପ୍ତ କରିବାକୁ ଏବଂ କଟାହୋଇଥିବା ଫସଲକୁ ଖରାରେ ସୁଖାଇ ସୁରକ୍ଷିତ ଜାଗାରେ ରଖିବାର ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି । |
| ପନିପରିବା (ବାଇଗଣ, ଟମାଟର୍, ଆଳୁ, | ନୂଆଁ ଗଛ ଲଗେଇବା / ବନସ୍ପତି ବିକାସ | ପନିପରିବା ଗଛକୁ ଅଧିକ ଥଣ୍ଡାରୁ ରକ୍ଷା କରିବା ପାଇଁ ସେଥିରେ ନିୟମିତ ଅଳ୍ପ-ଅଳ୍ପ ଜଳ ସିଂଚନ କରି କିମ୍ବା ଗଛ ଲଗେଇବା ସମୟରେ ପଲିଥିନ୍ ଆବରଣର କିମ୍ବା ଯଦି ଗଛ ଲଗାଇ ସାରିଛନ୍ତି ତାହାହେଲେ ଗଛ ତଳେ ପୁଆଳକୁ ମଧ୍ୟ ଆବରଣ ଭାବରେ ପ୍ରୟୋଗ କରିପାରିବେ କାରଣ ଏହା ଦ୍ବାରା ମାଟିର ତାପମାତ୍ରା ନିୟନ୍ତ୍ରିତ ରହିଥାଏ । |

| | | |
|---|---|---|
| ଲଂକା ଏବଂ କୋବି ଜାତୀୟ ପରିବା) | | ଏବେ ପାଣିପାଗର ଯେଉଁ ସ୍ଥିତି ରହିଅଛି ତାହା ଆଳୁ ଏବଂ ଟମାଟର ଗଛରେ ପତ୍ର ପୋଡ଼ା ରୋଗ ସଂକ୍ରମଣ ପାଇଁ ଅନୁକୁଳ ଅଟେ ତେଣୁ ଯେଉଁ ଚାଷୀ ଭାଇମାନେ ଏହି ରୋଗର ନିରୀକ୍ଷଣ କରନ୍ତୁ ଏବଂ ହଲକା ଜଳସେଚନ କରି ମାଟିର ଆର୍ଦ୍ରତା ବଜାୟ ରଖନ୍ତୁ । ଏହି ରୋଗରୁ ଗଛକୁ ରକ୍ଷା କରିବା ପାଇଁ ୨.୫ ଗ୍ରାମ ମେଟାଲାକ୍ଷସିଲ ଏବଂ ମନ୍କୋଜେବ ର ମିଶ୍ରଣକୁ ଗୋଟେ ଲିଟର୍ ପାଣିରେ ମିସାଇ ସୁସ୍ଥ ପାଗକୁ ଦେଖି ଗଛରେ ପ୍ରୟୋଗ କରନ୍ତୁ । |
| ସୋରିଷ | ବନସ୍ପତି ବିକାସ | ସୋରିଷ ଗଛ ଯାହା ୧୫ ରୁ ୨୦ ଦିନର ହୋଇଗଲାଣି ସେଥିରେ ଅଧିକ ଗଛକୁ ଉପାଡି (ଥିନିଂଗ୍)ଉପଯୁକ୍ତ ସଂଗକ୍ଷକ ଗଛହିଁ ଖେତରେ ରଖନ୍ତୁ । |
| ପଶୁପାଳନ | ଆସନ୍ତା ଦିନଗୁଡାକରେ କୁହୁଡି ସହିତ ଥଣ୍ଡା ପାଗର ସ୍ଥିତି ବଜାୟ ରହିବାର ସମ୍ଭାବନାକୁ ଦେଖି ପଶୁମାନଙ୍କୁ ପର୍ଯ୍ୟାପ୍ତ ତାଜା ପରିଷ୍କାର ପାଣି ସହିତ ଖନିଜ ଲବଣ ଯୋଗାଇବା ତଥା ବର୍ଷା ଜଳ ଗୁହାଳକୁ ନ ପଶିବା ଏବଂ ସେମାନଙ୍କୁ ଥଣ୍ଡାରୁ ରକ୍ଷା କରିବା ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି (ଯେପରିକି ଅଖା ବସ୍ତାରେ ପଶୁମାନଙ୍କୁ ତଥା ଗୁହାଳକୁ ଘୋଡ଼େଇବା ଏବଂ ଗୁହାଳରେ ତଳେ ପୁଆଳ ବିଛାଇବା ଇତ୍ୟାଦି)। ଗୁହାଳକୁ ସଫା ଏବଂ ଶୁଖିଲା ରଖନ୍ତୁ ଯାହାଦ୍ୱାରା ପଶୁମାନେ ରୋଗ ଓ ପୋକ ଜୋକ ରୁ ସୁରକ୍ଷିତ ରହିବେ। | |

**Note:** **Outlook of Weather Forecast for next two weeks (22nd December, 2023 to 4th January, 2024) Ref:- IMD, MC, Bhubaneswar on dated: 21.12.2023**


**Mainly dry weather very likely to prevail over the districts Odisha during week-1(22nd to 28th December 2023). Isolated dense fog is likely to occur during 1st half of week-1 over the districts of Odisha. Minimum temperature (Night temperature) is likely to increase by 2-3$^0$C at many places over the districts of Odisha during 1st half of week-1 and it is likely to be near normal over the districts of Odisha during week-1.**

**Mainly dry weather very likely to prevail over the districts Odisha during week-2(29th December 2023 to 4th January 2024). Minimum temperature (Night temperature) is likely to be near normal at most places over the districts of Odisha during week-2.**

| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR & Nodal Officer**<br>**RRTTS, Chiplima** |


କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ଷ୍ଟୋକ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।

ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ଉଭୟ ଇଂରାଜୀ ଏବଂ ଓଡ଼ିଆ ଭାଷାରେ ମେଘଦୂତ ମୋବାଇଲ ଆପ ରେ ଉପଲବ୍ଧ ଅଛି ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।



(https://play.gooogle.com/store/apps/details?id=com.aas.meghdoot)

କୃଷକ ଭାଇମାନେ ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ କୁ ଅନୁସରଣ କରନ୍ତୁ ଏବଂ ତଳେ ଦିଆଯାଇଥିବା ଲିଙ୍କ ରେ ଏହି ଆପଟିକୁ ଡାଉନଲୋଡ କରିପାରିବେ।



(https://play.google.com/store/apps/details?id=com.lightening.live.damini)